# Akashvani, Sambalpur

## SAMBALPURI NEWS BULLETIN

### 7 February 2025- 6.47- 6.52 am.

*********************************************

ନିଯୁକ୍ତି ପତ୍ର          I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ର ୨ ହଜାର୍ ୭ ଶହ ୬୭ ଝନ୍‌କୁ ନିଯୁକ୍ତି ପତ୍ର ବାଂଟ୍‌ବେ । ଭୁବ୍‌ନେଶ୍ୱର୍ କେପିଟାଲ୍ ହାଇସ୍କୁଲ୍ ପଡ଼ିଆ ଠାନେ ହେବାର୍‌କେ ଥିବା ନିଯୁକ୍ତି ମେଳାଥି ୮ ଶହ ୯୪ ଝନ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଆର୍ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ଲାଗି ୮ ଶହ ୯୪ ଝନ୍ ଅଧକ୍ଷ ଆର୍ ଶିକ୍ଷକ ଶିୟୟିତ୍ରୀଙ୍କୁ ଭିଲ୍ ନିଯୁକ୍ତି ଦିଆଯିବା । ସେନ୍ତା ୧ ହଜାର୍ ୭ ଶହ ୯୮ ଝନ୍ ଶିକ୍ଷକ୍ ଶିକ୍ଷୟିତ୍ରୀ ଆର୍ ଭିନ୍ ଭିନ୍ ପଦ୍ ପଦ୍‌ବୀ ଲାଗି ନିଯୁକ୍ତିପତ୍ର ବଂଟାଯିବା ।

ବାଲିଯାତ୍ରା- ଜାତୀୟ ମାନ୍ୟତା       ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ତରଫ୍ରୁ କଟକ୍‌ର ଐତିହାସିକ୍ ବାଲିଯାତ୍ରାକେ ଜାତୀୟ ମାଏନ୍‌ତା ଦିଆଯାଇଛେ । ଜାତୀୟ ମାଏନ୍‌ତା ମିଲ୍‌ଲା ଉତ୍‌ରୁ ବାଲିଯାତ୍ରାକେ ଖାସ୍ ଅନୁଦାନ୍ ଭିଲ୍ ମିଲ୍‌ବା । ଯେନ୍‌ଟାକି ଜାତୀୟ ଅନ୍ତର୍ଜାତୀୟ ସ୍ତରର୍ ପର୍ଯ୍ୟଟକମାନ୍‌କୁ ଭିଲ୍ ଆକର୍ଷିତ୍ କରିପାର୍‌ବା । ୨୦୧୯ ମସିହାଥି ବାଲିଯାତ୍ରାକେ ରାଜ୍ୟସ୍ତରୀୟ ମହୋତ୍ସବ୍ ମାଏନ୍‌ତା ମିଲିଥିଲା ।

ରାଜସ୍ୱ ମନ୍ତ୍ରୀ- ଭୂମିହୀନ ଜମି ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ସର୍‌କାର୍ ଭୂମିହୀନ ମାନ୍‌କୁ ଜମି ବନ୍ଦୋବସ୍ତ ନିୟମ୍ ଅନ୍‌ସାରେ ଘର୍ ବନାବାର୍ ଲାଗି ୪ ଡିସ୍‌ମିଲ୍ ଲେଖା ଜାଗା ଦେବେ ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ସେ କହିଛନ୍, ଯେନ୍ ହିତାଧିକାରୀମାନ୍‌କର୍ ପାଖେ କମ୍ ଜମି ଅଛେ ଆର୍ ସେମାନେ ସର୍‌କାର୍‌ଙ୍କର୍ ଠାନୁ ଜମି ଆଶ୍ କରୁଛନ୍, ପହେଲା ନିଜର୍ ନାଁଥି ଥିବା ଜମିକେ ରାଜସ୍ୱ ବିଭାଗ୍‌କେ ହସ୍ତାନ୍ତର୍ କରୁନ୍ । ଉତରାଧିକାରୀ ସୂତ୍ରଥି ଯେନ୍‌ମାନ୍‌କର୍ ୪ ଡିସ୍‌ମିଲ୍‌ନୁ କମ୍ ଜମି ଥିବା ସେମାନ୍‌କୁ ଭୂମିହୀନ୍ ଭାବେ ଗନ୍‌ତି କରାଯିବା

ଆର୍ ୪ ଡିସ୍‌ମିଲ୍ ଲେଖା ଜାଗା ଦିଆଯିବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ପରୀକ୍ଷା ପେ ଚର୍ଚ୍ଚା ପି.ଆଇ.ବି.

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଏବା ୧୦ ତାରିଖ୍ ଦିନର୍ ୧୧ ବଜେ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍‌ଥି ଦେଶର ଭିନ୍ ଭିନ୍ ଠାନର୍ ୩୬ ଝନ୍ ଛାତ୍ରଛାତ୍ରୀଙ୍କର୍ ସାଙ୍ଗେ ସିଧାସଲଖ୍ ବିଚାର୍ ବିନିମୟ କର୍‌ବେ । ପ୍ରଧାନମନ୍ତ୍ରୀ ଇ ଅବ୍‌ସରେ ଛାତ୍ରଛାତ୍ରୀ, ଅଭିଭାବକ୍ ଆର୍ ଶିକ୍ଷକ୍‌ମାନଙ୍କର୍ ସାଙ୍ଗେ ଆଲୋଚନା କରି କରି ପରୀକ୍ଷାର୍ ପ୍ରସ୍ତୁତି, ଚାପ ନିୟନ୍ତ୍ରଣ ଆର୍ ବ୍ୟକ୍ତିଗତ୍ ବିକାଶକେ ନେଇକରି ମାର୍ଗଦର୍ଶନ୍ ଦେବେ । ଇ ବଛର୍ ପ୍ରଧାନମନ୍ତ୍ରୀଙ୍କର୍ ପରୀକ୍ଷା ପେ ଚର୍ଚ୍ଚାର୍ ୮ ନମ୍ବର୍ ଖେପ୍ ହେବା ଆର୍ ଇଟା ୮ଟା ଏପିସୋଡ୍‌ଥି ହେବା । ଆଲୋଚନାର୍ ସିଧା ପ୍ରସାରଣ୍ ଦୂରଦର୍ଶନ, ସ୍ୱୟଂ, ସ୍ୱୟଂପ୍ରଭା, ପିଏମ୍‌ଓ ୟୁଟ୍ୟୁବ୍ ଚ୍ୟାନେଲ୍ ଆର୍ ଶିକ୍ଷା ମନ୍ତ୍ରଣାଳୟ ଆର୍ ସୂଚନା ଆର୍ ପ୍ରସାରଣ ମନ୍ତ୍ରଣାଳୟର୍ ସୋସିଆଲ୍ ମିଡିଆ ଚ୍ୟାନେଲ୍‌ଥି ହେବା ।

କେନ୍ଦ୍ର କେବିନେଟ୍ ବୈଠକ୍           ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ କେନ୍ଦ୍ର କେବିନେଟ୍‌ର ବୈଠକ୍ ବସ୍‌ବା । ବୈଠକ୍‌ଥି ନୂଆଁ ଆୟକର ବିଲ୍‌କେ ମଞ୍ଜୁରୀ ମିଲିପାରେ ବଲି ଜନାପଡ଼ିଛେ । ବିଲ୍‌କେ କେବିନେଟ୍ ମୋହର୍ ମିଲ୍‌ଲା ଉତ୍‌ରୁ ସୋମ୍‌ବାର୍ ଦିନ ଇଟାକେ ଲୋକ୍‌ସଭା ନ ଆଗତ୍ କରାଯାଇପାରେ ବଲି ସୂଚ୍‌ନା ମିଲିଛେ ।

ରାଜ୍ୟ କେବିନେଟ୍        ଆର୍ଏନ୍ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଆଏଜ୍ ଉପର୍‌ବେଲା ରାଜ୍ୟ କେବିନେଟ୍‌ର ଗୁଟେ ଗୁରୁତ୍ୱପୂର୍ଣ୍ଣ ବୈଠକ୍ ବସ୍‌ବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ବୈଠକ୍ ନ ବହୁତ୍ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ୍ ଉପ୍‌ରେ ମୋହର୍ ଲାଗିପାରେ । ଆଏବା ୧୩ ତାରିଖ୍‌ନୁ ବିଧାନ୍‌ସଭା ବଜେଟ୍ ଅଧିବେଶନ୍ ମୁଲ୍ ହେବାର୍‌କେ ଯାଉଥିବାର୍‌ନୁ ୨୦୨୫-୨୬ ଆର୍ଥିକ୍ ବଛରର୍ ବଜେଟ୍ ସହେତେ ବିଧାନ୍‌ସଭାନୁ ଉପସ୍ଥାପନ୍ ହେବାର୍‌କେ ଥିବା ଭିନ୍ ଭିନ୍ ବିଲ୍‌କେ କେବିନେଟ୍ ବୈଠକ୍ ନ ଉପସ୍ଥାପନ୍ କରାଯିବା ବଲି ଜନାପଡ଼ିଛେ ।

ଫାଇଲେରିଆ ମୁକ୍ତ ଭାରତ୍ ଅଭିଯାନ I&PR

କେନ୍ଦ୍ର ସର୍କାର୍ଙ୍କର୍ ତର୍ଫୁ ଆଏବା ୧୦ ତାରିଖ୍ନୁ ଦେଶେ ଲିମ୍ଫାଟିକ୍ ଫାଇଲେରିଆ ମୁକ୍ତ ଭାରତ୍ ଅଭିଯାନ୍ ମୁଲ୍ ହେବା । ଓଡ଼ିଶା ନ ପହେଲା ଖେପେ ସ୍ୱାସ୍ଥ୍ୟ ବିଭାଗ୍ ତର୍ଫୁ କଲାହାଣ୍ଡି, ବଲାଙ୍ଗିର୍, ସହେତେ ୬ ଟା ଫାଇଲେରିଆ ପ୍ରବଣ୍ ଜିଲ୍ଲା ନ ୧୦ ତାରିଖ୍ ଦିନ ସାମୂହିକ୍ ଉଷୋ ଖୁଆବାର୍ କାର୍ଯ୍ୟକ୍ରମ୍ ମୁଲ୍ ହେବା । କାର୍ଯ୍ୟକ୍ରମ୍ ଆଏବା ୧୯ ତାରିଖ୍ତକ୍ ଚାଲ୍ବା । ଇ ଅବ୍ସରେ ଲୁକ୍କୁ ଫାଇଲେରିଆକେ ନେଇକରି ସଚେତନ୍ କରାଯିବା ବଲି ସ୍ୱାସ୍ଥ୍ୟ ବିଭାଗ୍ ସ୍ୱତନ୍ତ୍ର ଶାସନ୍ ସଚିବ ଡାକ୍ତର୍ ବିଜୟ ମହାପାତ୍ର କହିଛନ୍ । ଗଲାକାଏଲ୍ ସ୍ୱାସ୍ଥ୍ୟ ବିଭାଗ୍ ଆର୍ ଗ୍ଲୋବାଲ୍ ହେଲ୍ଥ ଷ୍ଟାଟେଜିସ୍ ସଂସ୍ଥା ତର୍ଫୁ ଗୁଟେ ସଚେତନତା କର୍ମଶାଳା ହେଇଯାଇଛେ ।

ସମବାୟ ବେଙ୍କ-ଓ୍ୱାନ୍ ଟାଇମ୍ ସେଟଲ୍ମେଂଟ୍ I&PR

ସମବାୟ ବେଙ୍କ୍ ମାନ୍କେ ଏଥର ଓ୍ୱାନ୍ ଟାଇମ୍ ସେଟଲ୍ମେଂଟ୍ ବ୍ୟବସ୍ଥା ଲାଗୁ କର୍ବାର୍କେ ସମବାୟ ବିଭାଗ୍ ଅନୁମୋଦନ୍

କରିଛେ । ଓଡ଼ିଶା ରାଜ୍ୟ ସମବାୟ ବେଙ୍କ୍, ଜିଲ୍ଲା କେନ୍ଦ୍ରୀୟ ସମବାୟ ବେଙ୍କ୍, ସହରାଂଚଲ୍ ସମବାୟ ବେଙ୍କ୍ ଆର୍ ପ୍ରାଥମିକ କୃଷି ସମବାୟ ସମିତି ନ ଇ ବ୍ୟବସ୍ଥା ଲାଗୁ କରାଯିବା ।

ଭାରତ୍- ଇଂଲଣ୍ଡ୍ କ୍ରିକେଟ୍ ମେଚ            ଆର୍ଏନ୍ୟୁ/ ସମ୍ବଲପୁର

କଟକ୍ ବାରବାଟୀ ଷ୍ଟାଡ଼ିୟମ୍ ଠାନେ ଆଏବା ରଏବାର୍ ଦିନ ହେବାର୍କେ ଭାରତ୍- ଇଂଲଣ୍ଡ୍ ଦିନ୍କିଆ କ୍ରିକେଟ୍ ମେଚ୍ ଲାଗି ଆଏଜ୍ ଦୁହି ଦଲ୍ ଓଡ଼ିଶା ପୁହୁଁଚିବେ । ସଞ୍ଜ୍ବେଲେ ଦୁହି ଟିମ୍ ଭୁବ୍ନେଶ୍ୱର୍ ବିମାନ୍ ବନ୍ଦର୍ ନ ପୁହୁଁଚିଲା ଉତ୍ରୁ ମେ'ଫେୟାର୍ ହୋଟେଲ୍କେ ଯିବେ । ଆଏବା କାଏଲ୍ ବାରବାଟୀ ଷ୍ଟାଡ଼ିୟମ୍ ଠାନେ ଦୁହି ଦଲ୍ ଅଭ୍ୟାସ୍ ମେଚ୍ କର୍ବେ ବଲି ଓଡ଼ିଶା କ୍ରିକେଟ୍ ସଂଘ ତର୍ଫୁ ସୂଚ୍ନା ଦିଆଯାଇଛେ ।

ଜାତୀୟ କ୍ରୀଡ଼ା        ଆର୍ଏନ୍ୟୁ/ ସମ୍ବଲପୁର

ଉତରାଖଣ୍ଡ ନ ଚାଲିଥିବା ୩୮ ନମ୍ବର୍ ଜାତୀୟ କ୍ରୀଡ଼ାଥି ଗଲାକାଏଲ୍ ଓଡ଼ିଶାକେ ୨ ଟା ରୌପ୍ୟ ଆର୍ ଗୁଟେ କାଂସ୍ୟ ପଦକ୍ ମିଲିଛେ । ଓଡ଼ିଶା ମହିଳା ଫୁଟ୍ବଲ୍ ଦଲ୍ ଫାଇନାଲ୍ଥି ୨-

୪ ଗୋଲ୍‌ଥି ହରିଆନା ନୁ ହାରିକରି ରୌପ୍ୟପଦକ୍ ପାଇଛେ । ସେନ୍ତା ସାଇକେଲ୍ ଚାଲନାଥି ସ୍ୱସ୍ତି ସିଂ ମହିଳା ଏଲିଟ୍ ଓମ୍‌ନିୟମ୍ ବର୍ଗଥି ରୌପ୍ୟ ପଦକ୍ ଜିତିଛନ୍ । ସେଆଡ଼େ ଓଡ଼ିଶାର୍ ମହିଳା ଦଲ୍ ଏଲିଟ୍ ଟିମ୍ ସ୍ପ୍ରିଂଟ୍ ଦୌଡ଼ଥି କାଂସ୍ୟ ପଦକ୍ ପାଇଛନ୍ । ଇତାର୍‌ସହେତେ ଓଡ଼ିଶାର୍ ପଦକ୍ ସଂଖ୍ୟା ୨୨ କେ ପୁହୁଁଚିଛେ । ଇଥି ୫ ଟା ସ୍ୱର୍ଣ୍ଣ, ୭ ଟା ରୌପ୍ୟ ଆର୍ ୧୦ ଟା କାଂସ୍ୟ ପଦକ୍ ରହିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ବଢୁଛେ ତାତି । ଗଲାକାଏଲ୍ ରାଏଜର୍ ୧୫ ଟା ସହରର୍ ଦିନର୍ ସବୁନୁ ଜହ ତାତି ୩୩ ଡିଗ୍ରୀ ଉପ୍‌ରେ ଆର୍ ୩୫ ଟା ସହରର୍ ତାତି ୩୦ ଡିଗ୍ରୀ ଉପ୍‌ରେ ରହିଥିଲା । ସବୁନୁ ଜହ ତାତି ବଲାଙ୍ଗିର୍ ଆର୍ ମାଲ୍‌କାନ୍‌ଗିରି ନ ୩୪ ଡିଗ୍ରୀ ରେକର୍ଡ଼ କରାଯାଇଥିଲା । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨ / ୩ ଦିନ୍ ଭିତ୍‌ରେ ଦିନର୍ ସବୁନୁ କମ୍ ତାପମାତ୍ରା ୪ ଡିଗ୍ରୀତକ୍ କମିପାରେ । ଇତାର୍‌ସହେତେ ରାଜ୍ୟର୍ ସମୁଦ୍ର ଖଁଡ଼ି ଇଲାକାର୍ ଜିଲ୍ଲାମାନ୍‌କେ ୨/୩ ଦିନ୍‌ତକ୍ ଘନାକୁହୁଡ଼ି ଦେଖାଯିବା ବଲି ପାଣିପାଗ୍ କେନ୍ଦ୍ର ସତର୍କ ସୂଚ୍‌ନା ଜାରି କରିଛେ ।